ପ୍ରେସ୍ ନୋଟ୍

# ଯାଗା ମିଶନରେ ବସ୍ତି ବାସିନ୍ଦାଙ୍କ ଥଇଥାନକୁ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ।

ଅନୁଗୋଳ,ତା.୦୪.୦୮:- ଅନୁଗୋଳ ଜିଲ୍ଲାରେ ଯାଗା ମିଶନରେ ବସ୍ତିରେ ରହୁଥିବା ବାସିନ୍ଦାମାନଂକ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଜିଲ୍ଲା ପୌର ଉନ୍ନୟନ ଏଜେନସି (ଡୁଡା)ର ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ନେଇ ଗତକାଲି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୨ଟି ପୌରାଂଚଳ ଓ ଗୋଟିଏ ବିଜ୍ଞାପିତ ଅଂଚଳ ପରିଷଦର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଚିହ୍ନଟ ହୋଇଥିବା ବସ୍ତିକୁ ବାଦ୍ ଦେଲେ ଅନ୍ୟ ସ୍ଥାନରେ ଜବରଦଖଲ କରି ରହୁଥିବା ବାସିନ୍ଦାମାନଂକୁ ତୁରନ୍ତ ଉଚ୍ଛେଦ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ କରି ଉପଜିଲ୍ଲାପାଳମାନଂକ ଅଧ୍ୟକ୍ଷତାରେ ସମ୍ପୃକ୍ତ ନିର୍ବାହୀ ଅଧିକାରୀମାନଂକୁ ନେଇ ଏକ କମିଟି ଗଠନ କରାଯିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ରାଜସ୍ୱ ନିରିକ୍ଷକଙ୍କ ସହଯୋଗରେ ଅନଧିକାର ଭାବରେ ସରକାରୀ ଯାଗା ମାଡି ବସିଥିବା ଓ ଖାଲିଥିବା ଯାଗାରେ ପୁନର୍ବାର ବସବାସ କରିବା କୁ ନେଇ ତହସିଲଦାରଂକ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସେମାନଂକୁ ହଟାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଯେଉଁମାନେ ଯୋଗ୍ୟ ବିବେଚିତ ଚିହ୍ନଟ ହୋଇନାହାନ୍ତି ଏକ ବିଜ୍ଞପ୍ତ ମାଧ୍ୟମରେ ସେମାନଂକୁ ବସ୍ତିରୁ ଉଚ୍ଛେଦ କରିବାକୁ ପରାମର୍ଶ ଦେଇଛନ୍ତି । ଯେତେ ଖାଲି ଯାଗା ପଡିଛି ସେ ଯାଗା ଗୁଡିକୁ ମ୍ୟୁନିସପାଲିଟି ଅଧିନକୁ ଅଣାଯିବ । ଜିଲ୍ଲା ପୌର ଉନ୍ନୟନ ଏଜେନସି (ଡୁଡା)ରୁ ଆବଶ୍ୟକ ତଥ୍ୟ ସଂଗ୍ରହ କରି ସର୍ବେକ୍ଷଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଯେଉଁ ବାସିନ୍ଦାମାନେ ନୂଆକରି ସରକାରୀ ଯାଗାରେ ଘର କରୁଛନ୍ତି ସେଗୁଡିକୁ ମଧ୍ୟ ଉଚ୍ଛେଦ କରାଯିବ । ଜିଲ୍ଲା ପୌର ଉନ୍ନୟନ ଏଜେନସିର ଯାଗା ମିଶନରେ ଜିଲ୍ଲାର ଅନୁଗୋଳ ପୌରାଂଚଳରେ ୧୩,ତାଳଚେର ପୌରାଂଚଳରେ ୬ ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରେ ୯ଟି ବସ୍ତି ରହିଛି । ଅନୁଗୋଳ ପୌରାଂଚଳର ବସ୍ତିରେ ୨୬୦୬, ତାଳଚେର ପୌରାଂଚଳରେ ୮୪୬ ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରେ ୩୯୪ଟି ପରିବାର ବସବାସ କରୁଛନ୍ତି । ଅନୁଗୋଳ ପୌରପାଳିକା ଦ୍ୱାରା ୭୮୬, ତାଳଚେର ପୌରପାଳିକା ଦ୍ୱାରା ୨୦୧ ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ୧୧୪ ଜଣଂକୁ ଜମି ସତ୍ତ୍ୱାଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି । ସେହିପରି ଅନୁଗୋଳ ପୌରାଂଚଳରୁ ୧୦୦୯,ତାଳଚେର ପୌରାଂଚଳରୁ ୧୩୮ ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୭୧ ଜଣଂକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଅନୁମୋଦନ କରାଯାଇଛି । ଅନୁଗୋଳ ପୌରପାଳିକାରୁ ୪, ତାଳଚେର ପୌରପାଳିକାରୁ ୧୭୦, ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୪୧ ଟି ଯୋଗ୍ୟ ବିବେଚିତ ବସ୍ତି ବାସିନ୍ଦା ଅଦ୍ୟାବଧି ଜମି ସତ୍ତ୍ୱାଧିକାର ପ୍ରମାଣପତ୍ର ପାଇନାହାନ୍ତି । ତାଳଚେର ପୌରାଂଚଳରେ ଜମି ସତ୍ତ୍ୱାଧିକାର ପ୍ରମାଣ ପତ୍ର ପ୍ରଦାନରେ ସୃଷ୍ଟି ହେଉଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶ୍ରୀ ଲଳିତ ମୋହନ ବେହେରା , ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍, ତାଳଚେର ଉପଜିଲ୍ଲାପାଳ ଶ୍ରୀ ବିଶ୍ୱ ରଞ୍ଜନ ରଥ, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ତରଣୀ ସୁନା, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମଲ୍ଲିକ, ତାଳଚେର ପୌରପାଳିକା ନିର୍ବାହୀ ଅଧିକାରିଣୀ ରଶ୍ମିରେଖା ଅମାତ, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା ସମେତ ସମସ୍ତ ତହସିଲଦାର, ରାଜସ୍ୱ ନିରିକ୍ଷକ ଓ ଜିଲ୍ଲା ପୌର ଉନ୍ନୟନ ଏଜେନସିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।


realme
Shot on realme 9 Pro+
2022.08.03 12:07